# ମାଛ ଚାଷ - ଖାଦ୍ୟ ଓ ଜୀବନ ଜୀବିକାର ଏକ ଅନନ୍ୟ ଉପାୟ

ମୁଁ ଜଣେ ଛୋଟ ଗୃଷୀ । ମୋର ସମୁଦାୟ ୭ ଏକର ଜମି ଅଛି, ଯେଉଁଠାରେ ମୁଁ ମୁଖ୍ୟତଃ ଧାନ, ମାଣ୍ଡିଆ ଓ ମୁଗ ଆଦି ଗୃଷ କରିଥାଏ । ମୋର ମଧ୍ୟ ଗୋଟିଏ ୬୦ X ୬୦ ବର୍ଗ ଫୁଟ ବିଶିଷ୍ଟ ଛୋଟ ପୋଖରୀ ଅଛି, ଯେଉଁଠାରେ ମୁଁ ମାଛ ଗୃଷ କରେ । ସେଥିରୁ ମୁଁ ପ୍ରାୟତଃ ବର୍ଷକୁ ୫୦–୭୦ କି.ଗ୍ରା. ମାଛ ପାଇଥାଏ । ମାଛ ଗୃଷ ବିଷୟରେ ବିଶେଷ ଜ୍ଞାନ ନଥିବାରୁ ମୁଁ ଏହାକୁ ପ୍ରାଧାନ୍ୟ ଦେଉ ନଥିଲି ଏବଂ ଯାହା ଅମଳ ପାଉଥିଲି ସେଥିରେ ସନ୍ତୁଷ୍ଟ ଥିଲି ।

୨୦୧୪ ମସିହା, ମଇ ମାସରେ ସ୍ଵାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ର ଲାନ୍‌ସା ପ୍ରକଳ୍ପ କର୍ମଚାରୀମାନେ ଆମ ଗାଁକୁ ଆସି ଉନ୍ନତ ପ୍ରଣାଳୀରେ ମାଛ ଗୃଷ ବିଷୟରେ ଅବଗତ କରିଥିଲେ । ଏହା ପରେ ଉନ୍ନତ ମାଛ ଗୃଷ ସମ୍ବନ୍ଧୀୟ ଏକ ୨ ଦିନିଆ ତାଲିମ୍ ଶିବିରର ଆୟୋଜନ କରିଥିଲେ ଯେଉଁଠାରେ ପୋଖରୀ ପରିଚାଳନା, ଉନ୍ନତ ମାଛ ଜାଆଳ, ଏବଂ ଉପଯୁକ୍ତ ଖାଦ୍ୟ ପ୍ରୟୋଗ ବିଷୟରେ ବିଶେଷ ଆଲୋଚନା ହୋଇଥିଲା । ସେମାନେ ଆବଶ୍ୟକ ମୁତାବକ ଉନ୍ନତ ମାନର ଜାଆଁଳ ଯୋଗାଇ ଦେବା ସହିତ ପୋଖରୀରେ ମାଛର ସ୍ଥିତି, ଖାଦ୍ୟ ପ୍ରୟୋଗ ବିଷୟରେ ପର୍ଯ୍ୟାୟକ୍ରମେ ଅନୁଧ୍ୟାନ କରିଥିଲେ । ଫଳରେ ୨୦୧୫ ମସିହା ମାର୍ଚ୍ଚ ରୁ ମଇ ମାସ ମଧ୍ୟରେ ମୁଁ ସେହି ପୋଖରୀରୁ ପାଖାପାଖି ୧୦୦ କି.ଗ୍ରା. ପର୍ଯ୍ୟନ୍ତ ମାଛ ଅମଳ କରିପାରିଲି । ଆମ ଗାଁରେ ମାଛ ବଜାର ନଥିବାରୁ ମାଛ ପାଇଁ ଗାଁ ଠାରୁ ୮ କି.ମି. ଦୂର ବୈପାରିଗୁଡ଼ା ବଜାର ଉପରେ ନିର୍ଭର କରିବାକୁ ପଡୁଥିଲା । କିନ୍ତୁ ଏବେ ମୋତେ ମୋ ପୋଖରୀରୁ ସତେଜ ମାଛ ଖାଇବାକୁ ମିଳୁଛି । ମୁଁ ଏହିଭଳି ଭାବରେ ବିଗତ ୩ ବର୍ଷ ହେଲା ମାଛ ଗୃଷ କରିଆସୁଛି । ଏହା ମୋତେ ମୋର ଘରର ଆବଶ୍ୟକତା ପୂରଣ କରିବା ସଙ୍ଗେ ସଙ୍ଗେ ନିଜ ଗାଁରେ କିଛି ମାତ୍ରାରେ ବିକ୍ରି କରି ଅର୍ଥ ଉପାର୍ଜନରେ ସହାୟକ ହୋଇପାରିଛି । ୨୦୧୬ ମସିହାରେ ରୋଗ ପୋକ ହେତୁ ମୋର ଧାନ ଏବଂ ମୁଗ ଗୃଷ ବିଶେଷ କ୍ଷତି ହୋଇଥିଲା କିନ୍ତୁ ସେହି ବର୍ଷ ମାଛ ଗୃଷରୁ ଭଲ ଅମଳ ପାଇଥିବାରୁ ଏହାକୁ ବିକ୍ରି କରି ମୋର ପରିବାରର ଭରଣପୋଷଣ କରିପାରିଥିଲି ।





**ନାମ : ନବୀନ ବାତ୍ରୀ**
ଗ୍ରାମ : କୁରୁକୁଟି,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ
ବୟସ : ୩୩ ବର୍ଷ
ଜାତି : ଭୂମିଆ (ଆଦିବାସୀ)
ବୃତ୍ତି : କୃଷି (୭ ଏକର)
ପରିବାର ସଂଖ୍ୟା : ୫ (ବୟସ୍କ ୫)

ଲେଖା ଓ ପ୍ରସ୍ତୁତି: **ମେକ୍ସ ଅର୍ଥର ଗିଲ୍,**
ପ୍ରକଳ୍ପ ସହାୟକ
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍‌ସା

LANSA
Leveraging Agriculture for Nutrition in South Asia
MSSRF
Science for Sustainable Development